ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୦ ନଭେମ୍ବର, ୨୦୨୩



### ଅଙ୍ଗନୱାଡି କେନ୍ଦ୍ର,ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ଜୟପୁର, (ପବନ ପାଣିଗ୍ରାହୀ)- ଜୟପୁର ପୌରାଞ୍ଚଳରେ ରବିବାର ଅଙ୍ଗନୱାଡି କେନ୍ଦ୍ର ଓ ମିଶନଶକ୍ତି ଗୃହକୁ ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାନଟ କରିଥିଲେ। ସହରର ଗୋପବନ୍ଧୁନଗରଠାରେ ଆମ ଅଙ୍ଗନୱାଡି କେନ୍ଦ୍ର, ଖ୍ରୀଷ୍ଟିଆନପେଟାରେ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପ ଜିଲାପାଳ ପ୍ରଭାତ ପରିଡା, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ପୌର ଉପାଧକ୍ଷ ବି. ସୁନିତା, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଏବିଡିଓ ମନୋଜ ନାୟକ, ସିଡିପିଓ ସୁଚିତା ପଣ୍ଡା, କାଉନସିଲର ଅନିତା ରାୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କୋରାପୁଟରେ ୪ ଜିଲାର ଆଦିବାସୀ ସଂଘ ବୈଠକ

## ନିଷ୍ପତ୍ତି ସ୍ଥଗିତ ନୁହେଁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କର



କୋରାପୁଟ,୧୯।୧୧(ଅମିତାଭ ବେହେରା)

କୋରାପୁଟସ୍ଥିତ ନିଶାଣିମୁଣ୍ଡା ନିକଟରେ ଥିବା ଜିଲା ସଂସ୍କୃତି ଭବନରେ ରବିବାର ଅବିଭକ୍ତ କୋରାପୁଟ ଜିଲାର ମାଲକାନାଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା ଆଦି ୪ ଜିଲାର ଆଦିବାସୀ ସଂଘର କର୍ମକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। କୋରାପୁଟ ଜିଲା ଆଦିବାସୀ ମହାସଂଘ ଉପଦେଷ୍ଟା ଶିବ ମୁଦୁଲିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ କୋରାପୁଟ ଜିଲା ପ୍ରାକୃତିକ ସୁରକ୍ଷା ସଂଘର ଆବାହକ ଭଗବାନ ମାଝି ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ସୁନନ୍ଦ ଝୋଡିଆଙ୍କ ସହ ୪ ଜିଲାର ଆଦିବାସୀ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ନିକଟରେ ରାଜ୍ୟ କ୍ୟାବିନେଟ ପକ୍ଷରୁ ଆଦିବାସୀଙ୍କ ଜମିକୁ ଅଣ ଆଦିବାସୀଙ୍କୁ ବିକ୍ରିପାରିବା ନେଇ ହୋଇଥିବା ନିଷ୍ପତ୍ତିକୁ ବୈଠକରେ ତୀବ୍ର ବିରୋଧ କରାଯାଇଥିଲା। ଏହି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରିବାକୁ ସଂଘ କର୍ମକର୍ତ୍ତାମାନେ ଦାବି କରିଥିଲେ। ନ ହେଲେ ଆଦିବାସୀ ସଂଘ ପକ୍ଷରୁ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ, ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ୟାବିନେଟ୍ ବୈଠକରେ ଆଦିବାସୀମାନେ ସେମାନଙ୍କ ଜମିକୁ ଅଣ ଆଦିବାସୀଙ୍କୁ ବିକ୍ରି କରିପାରିବେ ବୋଲି ହୋଇଥିବା ନିଷ୍ପତ୍ତିକୁ ଭାଜପା, କଂଗ୍ରେସ ସମେତ ବିଭିନ୍ନ ଆଦିବାସୀ ସଂଘ ପକ୍ଷରୁ ବିରୋଧ କରାଯିବା ପରେ ସରକାରଙ୍କ ଏହି ନିଷ୍ପତ୍ତିକୁ ଏବେ ସ୍ଥଗିତ ରଖିଛନ୍ତି। ମାତ୍ର ସଂଘଗୁଡିକ ସ୍ଥଗିତ ନୁହେଁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ।ଗି ଦାବି କରିଛନ୍ତି।

## ୫ ଦିନ ବିତିଲାଣି, କାର୍ଯ୍ୟାନୁଷ୍ଠାନ ନେଉନି ପୋଲିସ

■ ସ୍ୱାମୀଙ୍କ ଦ୍ୱିତୀୟ ବିବାହ ନେଇ ଅଭିଯୋଗ

■ ଥାନା ସମ୍ମୁଖରେ ଧାରଣାରେ ବସିଲେ ମହିଳା

ନନ୍ଦପୁର, ୧୯।୧୧(ଶଙ୍କର ପୂଜାରୀ)

ବିବାହର ତିନି ବର୍ଷ ବିତିଯାଇଥିଲେ ମଧ ସ୍ୱାମୀ ଗତ ଦଶହରା ଦିନ ଅନ୍ୟ ଜଣଙ୍କୁ ବିବାହ କଲେ। ଏହାର ପ୍ରତିବାଦ କରିବାରୁ ଗ୍ରାମବାସୀଙ୍କ ସମ୍ମୁଖରେ ସ୍ୱାମୀ ଅର୍ଜୁନ ମୁଦୁଲି, ଶାଶୁ, ଶଶୁର, ନଣନ୍ଦ ଓ ଦିଅର ମିଶି ତାଙ୍କୁ ଗାଳିଗୁଲଜ କରି ମାଡ ମାରିଲେ। ଏବେ ସେମାନେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଶେଷରେ ଦେଢ଼ ବର୍ଷର ଝିଅକୁ ଧରି ନନ୍ଦପୁର ଥାନାକୁ ଯାଇ ଘଟଣା ସମ୍ପର୍କରେ ଗତ ବୁଧବାର ଏତଲା ଦେଇଥିଲି। ଗାଳି ମାଡ ମାରିବା ସମୟର ସାକ୍ଷ୍ୟଙ୍କ ନାମ ଓ ସ୍ୱାମୀଙ୍କ ଫୋନ ନମ୍ବର ଦେଇଥିଲି। ମାତ୍ର ତାଙ୍କ ଅଭିଯୋଗକୁ ୫ଦିନ ବିତି ଯାଇଥିଲେ ମଧ ପୋଲିସ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ବୋଲି ଉମ୍ପେଲ ପଞ୍ଚାୟତ ଡୁମୁରିପୁଟ ଗ୍ରାମର ଅର୍ଜୁନଙ୍କ ସ୍ତ୍ରୀ ସୁବର୍ଣ୍ଣା ମୁଦୁଲି ଅଭିଯୋଗ ଆଣିଛନ୍ତି। ମୋତେ ନ୍ୟାୟ ମିଳୁ ଦାବିକରି ରବିବାର ପୂର୍ବାହ୍ନରେ



ଥାନା ଅଧିକାରୀଙ୍କ ସହ ଅନ୍ୟମାନେ ସୁବର୍ଣ୍ଣାଙ୍କ ସହ ଆଲୋଚନା କରୁଛନ୍ତି ।

ସୁବର୍ଣ୍ଣା ତାଙ୍କ ବାପା ମହେନ୍ଦ୍ର ଶିଶା, ମାଆ ଭଗବତୀଙ୍କ ସହ ନନ୍ଦପୁର ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇ ଏସଡିପିଓ ସଞ୍ଜୟ ମହାପାତ୍ର, ଥାନା ଅଧିକାରୀ ଆଶ୍ରିତା ଖାଲକୋ, ଏସ୍‌ଆଇ ବେଦୋବର ସାହୁ, ଦୀପ୍ତିମୟି ଧାରୁଆ ପ୍ରମୁଖ ଧାରଣା ସ୍ଥଳରେ ପହଞ୍ଚି ସୁବର୍ଣ୍ଣା ଓ ତାଙ୍କ ମାଆବାପାଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ମାମଲା ରୁଜୁ କରି ଏହାର ତଦନ୍ତ କରିବାକୁ ଏସ୍‌ଡିପିଓ ମହାପାତ୍ର ଥାନା ଅଧିକାରୀ ଖାଲକୋଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣାଟି ପାରିବାରିକ ମାମଲା ହୋଇଥିବାରୁ ଏବଂ ଆରୋପ ପ୍ରତ୍ୟାରୋପ ଭଳି ଦୁଇ ପରିବାର ପକ୍ଷରୁ ଏତଲା ହୋଇଥିବାରୁ ଦୁଇ ପକ୍ଷଙ୍କୁ ଡାକି କିଛି ଗୋଟେ ସମାଧାନର ରାସ୍ତା ବାହାର କରାଯିବ ବୋଲି ପୋଲିସ ପ୍ରକାଶ କରିଛି। ଅନ୍ୟପକ୍ଷରେ ରବିବାର ୨ଟି ମାମଲା ରୁଜୁ କରାଯାଇଛି। ସ୍ୱାମୀ ଅର୍ଜୁନ, ବାପା ଧନପତି ମୁଦୁଲି, ମା' ଯମୁନା, ଦିଅର ଭଗବାନ ଓ ନଣନ୍ଦ ଚୁମୁକିଙ୍କୁ ଥାନାକୁ ଅଣାଯିବାକୁ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଅର୍ଜୁନ ଘରେ ନ ଥିବାରୁ ତାଙ୍କୁ ଡାକି ଆଲୋଚନା କରିବା ଓ ମାମଲା ରୁଜୁ କରିବାରେ ବିଳମ୍ବ ହୋଇଛି ବୋଲି ଥାନା ଅଧିକାରୀ ଖାଲକୋ କହିଛନ୍ତି। ଧାରଣା ସ୍ଥଳରେ ସୁବର୍ଣ୍ଣଙ୍କ ନିକଟରେ ହିକିମପୁଟ ସରପଞ୍ଚ, ସମିତି ସଭ୍ୟ ଓ କେତେଜଣ ଗ୍ରାମବାସୀ ଉପସ୍ଥିତ ଥିଲେ।

## କର୍ମୀଙ୍କୁ ନିର୍ବାଚନମଣ୍ଡଳୀ ସ୍ତରୀୟ ତାଲିମ



ଅତିଥିମାନଙ୍କୁ କର୍ମୀମାନେ ସ୍ୱାଗତ କରି ପାଛୋଟି ନେଉଛନ୍ତି।

କୁନ୍ଦୁରା,୧୯।୧୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ପଞ୍ଚାୟତର ପ୍ରଧାନିପୁଟ ଆରଏମସି ଠାରେ ବିଜେଡି ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଛି। ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ବୋରିଗୁମ୍ମା, କୋଟପାଡ ଏବଂ ବୈପାରିଗୁଡାର ବୁଥସ୍ତରୀୟ ବିଜେଡି କର୍ମୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲାସ୍ତରୀୟ ଦଳୀୟ ନେତୃବୃନ୍ଦ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକ ସମ୍ପର୍କରେ ଉପସ୍ଥିତ କର୍ମୀଙ୍କୁ ବୁଝାଇ ସେମାନଙ୍କୁ ଲୋକଙ୍କ ନିକଟତର ହେବାକୁ ପରାମର୍ଶ ଦେଇଥିଲେ। ବିଗତ ଦିନରେ କୋଟପାଡ ନିର୍ବାଚନ ମଣ୍ଡଳୀକୁ କଂଗ୍ରେସ ନିଜ ଅଧୀନରେ ରଖିଥିଲା। ଏହି ନିର୍ବାଚନ ମଣ୍ଡଳୀ ବିଜେଡିକୁ ଆସିବା ପରେ ବିଜୟୀ ପ୍ରାର୍ଥୀ ତଥା କୋଟପାଡ ନିର୍ବାଚନ ମଣ୍ଡଳୀ ମନ୍ତ୍ରୀ ପଦ ପାଇଥିଲା ବୋଲି ଜିଲା ସଭାପତି ଝିନ ହିକକା କହିଥିଲେ। ୫-ଟି ଅଧୀନରେ ବିଦ୍ୟାଳୟଗୁଡିକର ରୂପାନ୍ତରୀକରଣ ଛାତ୍ରୀଛାତ୍ର ମାନଙ୍କ ପାଇଁ ସରକାରଙ୍କ ଏକ ଉପହାର ବୋଲି ବିଧାୟିକା ପଦ୍ମିନୀ ଦିଆନ କହିଥିଲେ। ଏହି ଅବସରରେ ଲୋରା ମହାପାତ୍ର, ଅପୂର୍ବା ଅପରୁପା ଯୋଗଦେଇ କର୍ମୀଙ୍କୁ ତାଲିମ ଦେଇଥିଲେ। ଚନ୍ଦ୍ର ଶେଖର ମାଝୀ, ନାରାୟଣ ବିଶୋୟୀ, ଜିଲା ପରିଷଦ ଉପାଧକ୍ଷ ରାଧାବିନୋଦ ସାମନ୍ତରାୟ, ରାଧାନାଥ ଭଙ୍ଗ, କାହ୍ନୁ ଚରଣ ନାୟକ, ରମାକାନ୍ତ ମିଶ୍ର, ବିକ୍ରମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

ଜୟପୁର, ୧୯।୧୧ (ପବନ ପାଣିଗ୍ରାହୀ)

ରାଜ୍ୟସ୍ତରୀୟ ଆଦିବାସୀ ମହୋତ୍ସବ ପରବ ଉପଲକ୍ଷେ ଜୟପୁରରେ ଜିଲାସ୍ତରୀୟ କ୍ରୀଡାଉତ୍ସବ ଦଶହରା ପଡିଆଠାରେ ରବିବାର ଉଦ୍‌ଘାଟିତ ହୋଇଛି । ଏଥିରେ ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ କୋରାପୁଟ ବିଧାୟକ ରଘୁରାମ ପାଡାଲ, ଏସଡିସି ଅଧକ୍ଷ ଚନ୍ଦ୍ର ଶେଖର ମାଝୀ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ,




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ଉପ ଜିଲାପାଳ ପ୍ରଭାତ ପରିଡା, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଜିଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଏବିଡିଓ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡା ପତାକାକୁ ଉତ୍ତୋଳନ ପରେ ଦଳଗତ ନୃତ୍ୟ ପରିବେଷଣ ହୋଇଥିଲା। ଏହି ମହୋତ୍ସବରେ ଜିଲାର ୧୪ଟି ବ୍ଲକ, ପୌରାଞ୍ଚଳ ଓ ଏନଏସିର ୧୮ଟି ଟିମ ଭାଗ ନେଇଥିଲେ। ଦୁଇଦିନ ଧରି ଫୁଟବଲ, ଭଲିବଲ, କବାଡି, ଦୌଡ, ବ୍ୟାଡମିଣ୍ଟନ ଆଦି ପ୍ରତିଯୋଗିତା ହେବ । କୃତୀ ପ୍ରତିଯୋଗୀଙ୍କୁ କୋରାପୁଟଠାରେ ଜିଲାସ୍ତରୀୟ ଉତ୍ସବରେ ପୁରସ୍କୃତ କରାଯିବ।

### ଇନ୍ଦିରା ଗାନ୍ଧୀଙ୍କ ୧୦୬ତମ ଜୟନ୍ତୀ ପାଳିତ

ଦାମନଯୋଡି,୧୯।୧୧(ନରସିଂ ବ୍ରହ୍ମା)

ନାଲ୍‌କୋ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୧୦୬ତମ ଜୟନ୍ତୀ ଉତ୍ସବ ରବିବାର ଇନ୍ଦିରା ପ୍ରିୟଦର୍ଶନୀ ଉଦ୍ୟାନରେ ପାଳିତ ହୋଇଯାଇଛି। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ସୁଶୀଲ ପାଢ଼ୀ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଭିନ୍ନ ବିଭାଗର ସମୂହ ମହାପ୍ରବନ୍ଧକମାନେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମହାପ୍ରବନ୍ଧକ ସରୋଜ ନାଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବରିଷ୍ଠ ଅଧିକାରୀ ଅରୁଣ ମହାନ୍ତି ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ କର୍ମଚାରୀ ସଂଘ ଓ ଶ୍ରମିକ ସଙ୍ଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ସେମିଳିଗୁଡ଼ା ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ସେମିଳିଗୁଡ଼ା,ସୁନାବେଡ଼ା,୧୮।୧୧ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡ଼ା ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଶୁଭାରମ୍ଭ ହୋଇଛି। ଅଧକ୍ଷ ଡ. ରମାରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ଡ. ପ୍ରଦୀପ ବେହେରା ମୁଖ୍ୟ ଅତିଥି, କାଉନସିଲର ମମତା ରାୟ ସମ୍ମାନିତ ଅତିଥି ରୂପେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଯୁକ୍ତ୨ ବାଳିକା ବିଭାଗର କବାଡି ପ୍ରତିଯୋଗିତା ଏବଂ ଯୁକ୍ତ୨ ବାଳକ ବିଭାଗର କ୍ରିକେଟ ପ୍ରତିଯୋଗିତା ହୋଇଥିଲା। ସେହିପରି ଯୁକ୍ତ୩ ବାଳିକା ବିଭାଗର ବ୍ୟାଡ୍‌ମିଣ୍ଟନ ଏବଂ କ୍ୟାରମ ପ୍ରତିଯୋଗିତା ଏବଂ ବାଳକ ବିଭାଗର କ୍ରିକେଟ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ନୋଡାଲ ଅଫିସର ପ୍ରେମାନନ୍ଦ ରାଉତ, ଅଲେଖ ପ୍ରସାଦ ପଣ୍ଡା, ଶୁଭ୍ରାଂଶୁ ସୁନ୍ଦର ଦାସ, ମହାବିଦ୍ୟାଳୟର ସମସ୍ତ ଅଧାପିକାଅଧାପକ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ। କ୍ରୀଡା ସଂଯୋଜକ ହରପ୍ରସାଦ ପତିଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ପ୍ରତିଯୋଗିତା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅଧକ୍ଷ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ପଞ୍ଚପଟମାଳି ଖଣି ପରିବେଶ, ଖଣିଜ ପଦାର୍ଥ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଦାମନଯୋଡି,୧୯।୧୧(ନରସିଂ ବ୍ରହ୍ମା)–

ନବରତ୍ନ ଉଦ୍ୟୋଗ ନାଲ୍‌କୋର ପଞ୍ଚପଟମାଳି ବକ୍ସାଇଟ ଖଣିରେ ପରିବେଶ ଓ ଖଣିଜ ପଦାର୍ଥ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଲକୋ ଓ ଏସ୍‌ଜିଏଟି ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିବେଶ ଏବଂ ଖଣିଜ ପଦାର୍ଥ ସଂରକ୍ଷଣର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବା ଲାଗି ଖଣି ଆଖପାଖ ଅଞ୍ଚଳର ଉଚ୍ଚ ବିଦ୍ୟାଳୟ ପିଲାଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଚଳିତବର୍ଷ ଦାମନଯୋଡି, କାକିରିଗୁମ୍ମା ଓ କୋରାପୁଟ ଅଞ୍ଚଳର ୧୪ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରଙ୍କୁ ଖଣି କାର୍ଯ୍ୟକଳାପ, ପରିବେଶ ସମ୍ପର୍କରେ ଅବଗତ କରାଯାଇଥିଲା। ସେମାନଙ୍କୁ ପରିବେଶ ଏବଂ ଖଣିଜ ପଦାର୍ଥ ସରଂକ୍ଷଣ ନେଇ ବୁଝାଯାଇଥିଲା।

ଏହି ଅବସରରେ ଖଣିଜ ଏବଂ ପରିବେଶ ସଂରକ୍ଷଣ ବିଷୟବସ୍ତୁ ଉପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲିଖିତ ପରୀକ୍ଷା, ଉଦ୍ଭିଦ ଚିହ୍ନଟ ପରୀକ୍ଷା, ଖଣିଜ ଚିହ୍ନଟ ପରୀକ୍ଷା, କୁଇଜ ଏବଂ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢ଼ୀ (ଜିଜିଏମ ଖଣି), ରସିଦ ୱାରିସ (ଜିଜିଏମ ଆଲୁମିନା ରିଫାଇନେରି), ପ୍ରମୋଦ ବେହେରା (ଜିଜିଏମ ଓ ଆଣ୍ଡ ଏମ୍), ସୁରେଶ ଚନ୍ଦ୍ର ସାମଲ (ଜିଜିଏମ ମାନବ ସମ୍ବଳ ଓ ପ୍ରଶାସନ), ଅମରେନ୍ଦ୍ର ମିଶ୍ର,ଏସଜିଏଟିର କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟ ଯାଦବାନନ୍ଦ ଦାସ ଓ କ୍ଷୀତିଶ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ମହାପ୍ରବନ୍ଧକ (ପରିବେଶ) ସଞ୍ଜୟ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ନାଲ୍‌କୋ ପକ୍ଷରୁ ଅଧିକାରୀମାନେ ଖଣି ପରିବେଶ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଉଛନ୍ତି ।

### ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ

ନନ୍ଦପୁର, ୧୯।୧୧(ଶଙ୍କର ପୂଜାରୀ)–

ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଦିବ୍ୟ ଭବନରେ ରବିବାର ବାର୍ଷିକ ଉତ୍ସବ ପାଳିତ ହୋଇଛି। ଅବିଭକ୍ତ କୋରାପୁଟ ସମେତ କଳାହାଣ୍ଡି ଜିଲା ଈଶ୍ୱରୀୟ ବିଦ୍ୟାଳୟର ମୁଖ୍ୟ ସଞ୍ଚାଳିକା ନିଲମ ଭଉଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ର ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବରେ ଉପସ୍ଥିତ କୋରାପୁଟ, ସେମିଳିଗୁଡା, ନାରାୟଣ ପାଟଣା, ଦାମନଯୋଡ଼ି, ସୁନାବେଡା ଅଞ୍ଚଳରୁ ଆସିଥିବା ଶତାଧିକ ନୂତନ ବ୍ରହ୍ମକୁମାର ଓ କୁମାରୀଙ୍କୁ ସ୍ୱାଗତ କରି ଉତ୍ସାହିତ କରାଯାଇଥିଲା। ସମସ୍ତଙ୍କୁ ପ୍ରଜାପିତା ବ୍ରହ୍ମ କୁମାରୀ ଈଶରୀୟ ବିଦ୍ୟାପୀଠରେ ପ୍ରଦାନ କରାଯାଉଥିବା ଦିବ୍ୟଜ୍ଞାନ ଓ ବର୍ତ୍ତମାନର ଦୁନିଆରେ ଏହାର ଆବଶ୍ୟକତା ସମ୍ପର୍କରେ ନିଲମ ଭଉଣୀ ବୁଝାଇଥିଲେ। ନନ୍ଦପୁର ଈଶ୍ୱରୀୟ ବିଦ୍ୟାଳୟର ସଞ୍ଚାଳକ ରୁବି ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତରୁଣ ପ୍ରଜ୍ଞା ଭାରତୀ ପକ୍ଷରୁ ପ୍ରତିଯୋଗିତା

ଜୟପୁର,୧୯।୧୧ (ପବନ ପାଣିଗ୍ରାହୀ)

ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନ ପକ୍ଷରୁ ରବିବାର ପୁଚି, ଗୀତାଶ୍ଳୋକାବୃତ୍ତି, ବିଚାର ମଞ୍ଚ, ପୁରାଣ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ନାରାୟଣୀ ଇଂଲିଶ ମାଧ୍ୟମ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସାଧାରଣ ବର୍ଗର ମହିଳାପୁରୁଷ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉପସଭାପତି ରାମ ଶଙ୍କର ଷଡ଼ଙ୍ଗୀ, ସମ୍ପାଦକ ଯଜ୍ଞେଶ୍ୱର ପଣ୍ଡା, ରବୀନ୍ଦ୍ର ମହାରଣା, ହେମନ୍ତ ଚନ୍ଦ, ପ୍ରମୋଦ ରାଉଳ, ଅଜୟ ମଲ୍ଲିକ, ସୁବାସ ଚନ୍ଦ୍ର ପଣ୍ଡା, ମିନକେତନ ଦାସ, ଲିପିକା ଦଳେଇ, ବବିତା ମହାରଣା, ମାମିନି ଦାଶ , ରିତାଞ୍ଜଳି ଡାକୁଆ, କବିତା ସାହୁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଚାରକ ଭାବେ ରୀତାଞ୍ଜଳି ଡାକୁଆ, ସବିତା ତ୍ରିପାଠୀ, ଜାନକୀ ପାଣିଗ୍ରାହୀ, ଜ୍ୟୋତିରଞ୍ଜନ ନନ୍ଦ, ମନୋଜ ମିଶ୍ର, ଶୁଭସ୍ମିତା ସାହୁ, ଉଦୟ ଶଙ୍କର ଜାନି, ସୁସ୍ମିତା ରଥ, ସୁବର୍ଣ୍ଣ କୁମାରୀ ଖିଲ, କ୍ଷୀରୋଦ ଚନ୍ଦ୍ର ଦାସ ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୩୧।୧୨।୨୦୨୩ରେ ମୃଦଙ୍ଗ ବାଦନ, ଓଡ଼ିଶୀ ଓ ଲୋକନୃତ୍ୟ ପ୍ରତିଯୋଗିତା ପଞ୍ଚାନନ ମନ୍ଦିରଠାରେ କରାଯିବ। କୃତୀ ପ୍ରତିଯୋଗୀଙ୍କୁ ୧୭।୧୨।୨୦୨୩ରେ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଉପସଭାପତି ଷଡଙ୍ଗୀ କହିଛନ୍ତି।

## ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ବୈଠକ

ଜୟପୁର,୧୯।୧୧ (ପବନ ପାଣିଗ୍ରାହୀ)

ଜୟପୁର ଅଗ୍ରସେନ ଭବନଠାରେ ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତର ଏକ ଦୁଇଦିନିଆ ପ୍ରାନ୍ତସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଥିଲା। ଏହାକୁ କେନ୍ଦ୍ରୀୟ ସହ ସମ୍ପାଦକ ଅଚ୍ୟୁତାନନ୍ଦ କର ଉଦ୍‌ଘାଟନ କରିଥିଲେ। ପଶ୍ଚିମ ପ୍ରାନ୍ତ ସଭାପତି ଡ. ରାଜ କୁମାର ବଡ଼ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରାନ୍ତ କାର୍ଯ୍ୟକାରୀ ସଭାପତି ଅଶୋକ ଗାନ୍ଧୀ, ପ୍ରାନ୍ତ ସମ୍ପାଦକ ଭକ୍ତ ଚରଣ ସାହୁ, ପ୍ରାନ୍ତ ଉପସଭାପତି ବାବୁ ଭାଇ ବଜରଙ୍ଗୀ ଅତିଥି ରୂପେ ଉପସ୍ଥିତ ଥିଲେ। ଅଯୋଧ୍ୟାଠାରେ ଆଗାମୀ ଦିନରେ ହେବାକୁ ଥିବା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଏବଂ ଧର୍ମ ରକ୍ଷା ସପ୍ତାହ ପାଳନ କରିବାକୁ ବୈଠକରେ ସ୍ଥିର ହୋଇଥିଲା। ଜୟପୁର ବିଶ୍ୱ ହିନ୍ଦୁ ପରିଷଦର ନବ କୃଷ୍ଣ ରଥ, ତେଜେଶ୍ୱର ପଣ୍ଡା, କମଳାକାନ୍ତ ବିଶ୍ୱାଳ, ଗଙ୍ଗା ନାୟକ, ସାଧୁ ଚରଣ ଦାସ ଚୌଧୁରୀ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

### ସତ୍ୟସାଇଙ୍କ ଦିବ୍ୟ ପାଦୁକା ଯାତ୍ରା

ସେମିଳିଗୁଡା/ସୁନାବେଡା,୧୯।୧୧ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡା ସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇଙ୍କ ଶତ ବାର୍ଷିକ ଜୟନ୍ତୀ ଅବସରରେ ଦିବ୍ୟ ପାଦୁକା ଯାତ୍ରା ରବିବାର ଅନୁଷ୍ଠିତ ହୋଇଛି । ସେମିଳିଗୁଡା ସମିତି ଆବାହକ ଟୁକୁନା ସାହୁଙ୍କ ନେତୃତ୍ୱରେ ସେମିଳିଗୁଡା ସମିତି ଓ ଆଖପାଖ ଗ୍ରାମାଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ସତ୍ୟସାଇଙ୍କ ଦିବ୍ୟ ପାଦୁକା ବହନ କରୁଥିବା ଏକ ସୁସଜ୍ଜିତ ବିମାନକୁ ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ। ମହିଳା ଶ୍ରଦ୍ଧାଳୁମାନେ ମଧ ୧୦୮ କଳସ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଦିବ୍ୟ ପାଦୁକା ଯାତ୍ରା ଗତ ଗୁରୁ ପୂର୍ଣ୍ଣିମାଠାରୁ ଯାଜପୁର ଜିଲାରୁ ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ଏହା ୨୦ ଜିଲା ଅତିକ୍ରମ କରି କୋରାପୁଟ ଜିଲାରେ ପହଞ୍ଚିଛି। ୨୬ରେ ଲକ୍ଷ୍ମୀପୁର ପରିକ୍ରମା କରି ରାୟଗଡ଼ା ଜିଲାକୁ ଏହା ସମର୍ପଣ କରାଯିବ ।

## ଜିଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା

ଜୟପୁର, ୧୯।୧୧ (ପବନ ପାଣିଗ୍ରାହୀ)

ଜୟପୁର ଟାଉନ ହଲଠାରେ ଜିଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଛି ।ଏଥିରେ ୧୪ଟି ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୫୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଧାୟକ ତାରା ପ୍ରସାଦ ବାହିନୀପତି, ଉପ ଜିଲାପାଳ ପ୍ରଭାତ ପରିଡା, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷ ବି. ସୁନିତା, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଏବିଡିଓ ମନୋଜ ନାୟକ ପ୍ରମୁଖ ଏହି ପ୍ରତିଯୋଗିତାକୁ ପରିଦର୍ଶନ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରଥିଲେ।

## ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ବୈଠକ

ଜୟପୁର,୧୯।୧୧ (ପବନ ପାଣିଗ୍ରାହୀ)

ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ସଭାପତି ଶଶୀଭୂଷଣ ଦାଶଙ୍କ ତତ୍ତ୍ୱାବଧାନରେ ଶତାଧିକ ଅମଲାଙ୍କ ଉପସ୍ଥିତିରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦାଶ କହିଥିଲେଯେ, ଗତ ୧୫ରେ ଓଡ଼ିଶାର ୩୦ଟିଜିଲାର ଅମଲା ସଂଘ ସଦସ୍ୟମାନେ କନିଷ୍ଠ ସହାୟକମାନଙ୍କ ପ୍ରବେଶିକା ଦରମା ହାର ୪୨୦୦ ଗ୍ରେଡ ପେ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ଜିଲାପାଳମାନଙ୍କୁ ଦାବିପତ୍ର ଦେଇଥିଲେ। ଦାବି ପୂରଣ ନ ହେବାରୁ ପରବର୍ତ୍ତୀ ସମୟରେ ରାଜ୍ୟସ୍ତରୀୟ ସମାବେଶ ହୋଇଥିଲା। ଅମଲାମାନେ ଦାବି ପୂରଣ ଲାଗି କଳାବ୍ୟାଜ ପରିଧାନ କରି ଆନ୍ଦୋଳନ କରିଥିଲେ। ସରକାର ତଥାପି ଗୁରୁତ୍ୱ ନ ଦେବାରୁ ଅମଲାମାନେ ରାଜ୍ୟ ମିଳିତ ଅମଲା ମଞ୍ଚ ଗଠନ କରି ଗତ ୧୬।୨୦୨୩ରେ ଆନ୍ଦୋଳନକୁ ଓହ୍ଲାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ସମୟରେ ରାଜ୍ୟ ପ୍ରଶାସନ ସହ ହୋଇଥିବା ଆଲୋଚନା ବିଫଳ ହୋଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ୫-ଟି ସଚିବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଅମଲାମାନଙ୍କ ଦାବି ଖୁବ ଶୀଘ୍ର ପୂରଣ କରିବାକୁ ପ୍ରତିଶ୍ରୁତି ଦେଇ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ନିବେଦନ କରିଥିଲେ। ଫଳରେ ଆନ୍ଦୋଳନ ପ୍ରତ୍ୟାହାର କରି ନିଆଯାଇଥିଲା।

ଇତିମଧ୍ୟରେ ୫ ମାସ ବିତିଯାଇଥିଲେ ମଧ ସରକାର ବାରମ୍ବାର କମିଟି ଗଠନ କରି ବୈଠକକୁ ଡାକି ଆଲୋଚନା କରି ମଧ ସେମାନଙ୍କ ଦାବି ପୂରଣ ହୋଇନାହିଁ। ଏ ନେଇ ବୈଠକରେ ଉପସ୍ଥିତ ଅମଲାମାନେ ଅସନ୍ତୋଷ ପ୍ରକାଶ କରି ଆଗାମୀ ଦିନରେ କୋରାପୁଟ ଜିଲାରେ ଏକ ରାଜ୍ୟ ସମ୍ମିଳନୀ କରି ପୁଣି ଥରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆନ୍ଦୋଳନକୁ ଓହ୍ଲାଇବା ଲାଗି ପ୍ରସ୍ତାବ ଦେଇଥିଲେ। ଏହାକୁ ରାଜ୍ୟ ନେତୃତ୍ୱଙ୍କୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସଂଘର ସଞ୍ଜୟ ପଣ୍ଡା, ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ନାରାୟଣ ପାଢ଼ୀ, ସାଙ୍ଗଠନିକ ସମ୍ପାଦକ କେ. ସୁବାସ ଚନ୍ଦ୍ର ଆଚାରି, ଉପଦେଷ୍ଟା ବୃନ୍ଦାବନ ପଣ୍ଡା, ଜଗେନ୍ଦ୍ର ଚୌଧୁରୀ, ଜୟପୁର ଉପଖଣ୍ଡର ଅମଲା ସଂଘ ସଭାପତି ମୋନାଲିସା ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୧୦ ବିଭାଗରେ ୧୭ ପ୍ରତିଯୋଗୀ ପୁରସ୍କୃତ

### ୟୋନେକ୍ସ-ସନ୍‌ରାଇଜ, ଓଏସବିଏ ଅଲ ଓଡିଶା ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

କୋରାପୁଟ,୧୯।୧୧(ଅମିତାଭ ବେହେରା)




ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ ।

କୋରାପୁଟସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୟୋନେକ୍ସ-ସନରାଇଜ, ଓଏସବିଏ ଅଲ ଓଡିଶା ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଓଏସବିଏ ଏବଂ କୋରାପୁଟ ବ୍ୟାଡମିଣ୍ଟନ ଆସୋସିଏଶନର ମିଳିତ ସହଯୋଗରେ ୧୭ରୁ ୧୯ ଯାଏ ହୋଇଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୫ ବର୍ଷରୁ କମ ଓ ୧୭ ବର୍ଷରୁ କମ ବୟସର ଶତାଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ୧୦ ବିଭାଗରେ ୧୭ ପ୍ରତିଯୋଗୀ ପୁରସ୍କୃତ ହୋଇଛନ୍ତି। ୧୫ ବର୍ଷରୁ କମ୍ ବର୍ଗର ବାଳକ ବିଭାଗ ସିଙ୍ଗଲରେ ଅଂଶୁମାନ ସିଂ ବିଜୟୀ ହୋଇଥିବାବେଳେ ବାଳକ ବିଭାଗ ଡବଲସ୍‌ରେ ଜାଗୃତ ଶର୍ମା ଓ ଅଂଶୁମାନ ବିଜୟୀ ହୋଇଥିଲେ। ସେହିପରି ବାଳିକା ବିଭାଗ ସିଙ୍ଗଲସ୍‌ରେ ଜେସିକା ସାହୁ ବିଜୟୀ ହୋଇଥିବାବେଳେ ବାଳିକା ବିଭାଗ ଡବଲସରେ ଏ. ଦାସ ଓ ସମୃଦ୍ଧି ନନ୍ଦ ବିଜୟୀ ହୋଇଥିଲେ। ସେହିପରି ୧୫ ବର୍ଷରୁ କମ୍ ବର୍ଗର ଡବଲସରେ ଏସ. କେଜରିୱାଲ ଓ ଜେସିକା ସାହୁ ବିଜୟୀ ହୋଇଥିଲେ । ୧୭ ବର୍ଷରୁ କମ ବୟସର ବାଳକ ବିଭାଗ ସିଙ୍ଗଲରେ ଏମ. ଭରଦ୍ୱାଜ ବିଜୟୀ ହୋଇଥିବାବେଳେ ବାଳକ ବିଭାଗ ଡବଲସ୍‌ରେ ଏସ. ଜେନା ଓ ଏସ. ମଲ୍ଲିକ ବିଜୟୀ ହୋଇଛନ୍ତି। ବାଳିକା ବିଭାଗ ସିଙ୍ଗଲସ୍‌ରେ ଗ୍ରିତାଶ୍ରୀ ଦେ ବିଜୟୀ ହୋଇଥିବାବେଳେ ମିକ୍ସ ଡବଲସରେ ଆଦ୍ୟା ପାଢୀ ଓ ସୁଇଟି ପ୍ରଧାନ ବିଜୟୀ ହୋଇଛନ୍ତି। ସେହିପରି ୧୭ ବର୍ଷରୁ କମ ବୟସର ମିକ୍ସ ଡବଲସରେ ଜୟକୃଷ୍ଣ ଗାରଡିଆ ଓ ଜେ.ସାହୁ ବିଜୟୀ ହୋଇଥିଲେ।

ଉଦଯାପନୀ ଦିବସରେ ପୋଲିସ ମୁଖ୍ୟାଳୟର ଇନ୍‌ସପେକ୍ଟର ଏସ୍.ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାକୁ କୋରାପୁଟ ବ୍ୟାଡମିଣ୍ଟନ ଆସୋସିଏଶନ ସଭାପତି ମୋତି ବେହେରା, ଉପସଭାପତି ପ୍ରଦୀପ ପାତ୍ର, ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ, ଉପଦେଷ୍ଟା କମଳାକାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟର ଉଦଘାଟନୀ ଉତ୍ସବରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମିନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଓଏସ୍‌ବିଏର ପର୍ଯ୍ୟବେକ୍ଷକ ପ୍ରୀତପାଲ ସିଂ ଓ କରୁଣାକର ପାଇକ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୦ ନଭେମ୍ବର, ୨୦୨୩



# ଦିଲ୍ଲୀ ବଜାରରେ ଚମକୁଛି ନବରଙ୍ଗପୁରର ହସ୍ତଶିଳ୍ପ

### ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

**ନବରଙ୍ଗପୁର, ୧୯।୧୧(ସଦାଶିବ ପ୍ରହରାଜ)**

ଦିଲ୍ଲୀ ପ୍ରଗତି ମୈଦାନରେ ଚଳିତ ମାସ ୧୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ଅନ୍ତର୍ଜାତୀୟ ବାଣିଜ୍ୟମେଳା। ଏହି ମେଳାରେ ରାଜ୍ୟ ସରକାରଙ୍କ ଓର୍‌ମାସ ସହଯୋଗରେ ବିଭିନ୍ନ ଜିଲାର ହସ୍ତଶିଳ୍ପ କାରୀଗରଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ ବହୁଳ ଭାବରେ ବିକ୍ରି ଚାଲିଛି। ଗ୍ରାହକଙ୍କ ମନ ମୋହୁଛି ନବରଙ୍ଗପୁର ଜିଲା କାରୀଗରଙ୍କ ଦ୍ୱାରା ନିର୍ମିତ ଆକର୍ଷଣୀୟ ହସ୍ତଶିଳ୍ପ ସମ୍ଭାର।

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ଲିମଭଟା ଗାଁର ଧନଲକ୍ଷ୍ମୀ ପ୍ରଡ୍ୟୁସର ଗ୍ରୁପ ହସ୍ତଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ପ୍ରସିଦ୍ଧ ଧାନଶିଳ୍ପ ସାମଗ୍ରୀ, ନବରଙ୍ଗପୁର ବ୍ଲକ ତୁରାହାଣ୍ଡି ଗାଁର ମା'ଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀ କାରୀଗରଙ୍କ ନିର୍ମିତ ଆଦିବାସୀ ଅଳଙ୍କାର ବହୁଳ ଭାବରେ ବିକ୍ରି ହେବା ସହ ଗ୍ରାହକମାନଙ୍କ ପ୍ରଥମ ପସନ୍ଦ ପାଲଟିଛି। ସେହିଭଳି ମୁଖ୍ୟମନ୍ତ୍ରୀ ମକା ମିଶନ ସହଯୋଗରେ ଉମରକୋଟର



ଦିଲ୍ଲୀ ପ୍ରଗତି ମୈଦାନରେ ନବରଙ୍ଗପୁର ହସ୍ତଶିଳ୍ପ କାରିଗରଙ୍କ ଷ୍ଟଲ୍।

ନବରଙ୍ଗୀ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ମକା ଓ ଏଗ୍ରିମଲ ସାମଗ୍ରୀ ପ୍ରଦର୍ଶନୀ ଦର୍ଶକ ଓ ଗ୍ରାହକଙ୍କୁ ଆକର୍ଷିତ କରିବାରେ ସକ୍ଷମ ହୋଇପାରିଛି। ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ବିଶ୍ୱର ୨୯ଟି ଦେଶର ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ଓ ବିକ୍ରୟ କରାଯାଉଥିବା ବେଳେ ନବରଙ୍ଗପୁର ଜିଲାର ହସ୍ତଶିଳ୍ପ ସାମଗ୍ରୀ ସ୍ୱତନ୍ତ୍ର ଆକର୍ଷଣ ପାଲଟିବା ସହ ବହୁଳ ମାତ୍ରାରେ ବିକ୍ରିବଟା ହେଉଛି । ନବରଙ୍ଗପୁର ଜିଲା ଓର୍‌ମାସ ଡେପୁଟି ସିଇଓ ଏ ଉମା ମହେଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ କାରିଗର ଦିଲ୍ଲୀ ବଜାରରେ ପଲ୍ଲୀ ହସ୍ତଶିଳ୍ପ ସାମଗ୍ରୀ ସମ୍ଭାର କାରବାର କରୁଛନ୍ତି । ଜିଲାର ଅନନ୍ୟ କାରୀଗରଙ୍କ ନିଆରା କଳାକୃତି ବିଶ୍ୱ ବଜାରରେ ଆଦୃତ ହୋଇଥିବାବେଳେ ବିଶ୍ୱ ଦରବାରରେ ସ୍ଥାନୀୟ ହସ୍ତଶିଳ୍ପୀ ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇଛନ୍ତି।

## ସଂକ୍ଷେପରେ

### ବିଶ୍ୱ ପାଇଖାନା ଦିବସ




**କୋରୁକୋଣ୍ଡା, ୧୯।୧୧(ଅବିନାଶ ବେହେରା)**

ବିଶ୍ୱ ପାଇଖାନା ଦିବସ ଅବସରରେ ମାଲକାନଗିରି ଜିଲା କୋରୁକୋଣ୍ଡା ପଞ୍ଚାୟତ ସମିତି ବୈଠକ ଗୃହଠାରେ କୋରୁକୋଣ୍ଡା ଜଳ ଓ ପରିମଳ ବିଭାଗ ତରଫରୁ ବିଶ୍ୱ ପାଇଖାନା ଦିବସ ଅନୁଷ୍ଠିତ ହୋଇଥିଲା। ବିଆରସିସି ଶୁକ ଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଙ୍କ ସଭାପତିତ୍ୱରେ ଏହି ଦିବସ ପାଳିତ ହୋଇଥିଲା। ଏହି ଅବସରରେ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ ଉପସ୍ଥିତ ରହିବା ସହିତ କୋରୁକୋଣ୍ଡା ବ୍ଲକକୁ କିପରି ସ୍ୱଚ୍ଛ ଓ ସୁନ୍ଦର ରଖିହେବ ସେନେଇ ଅଞ୍ଚଳବାସୀଙ୍କୁ ବୁଝାଇବା ସହିତ ପ୍ରାୟ ୧୫ ପରିବାରରୁ ଅଧିକ ପରିବାରକୁ ନୂତନ ଭାବେ ପାଇଖାନା କରିବା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତସ୍ତରରେ ନୂତନ ପାଇଖାନା ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯିବ। ଏହି ଅବସରରେ ବ୍ଲକ ଅଧୀନ ପଞ୍ଚାୟତରୁ ସ୍ଥାନୀୟ ଜନପ୍ରତିନିଧିଙ୍କ ସମେତ ବହୁ ଆଞ୍ଚଳବାସୀ ଉପସ୍ଥିତ ଥିଲେ।

### ତେନ୍ତୁଲିଖୁଣ୍ଟି ବ୍ରାହ୍ମଣ ସମାଜର ବୈଠକ

**ତେନ୍ତୁଲିଖୁଣ୍ଟି, ୧୯।୧୧(ଚିଦାନନ୍ଦ ସାହୁ)**

ତେନ୍ତୁଲିଖୁଣ୍ଟି ବ୍ଲକ ବ୍ରାହ୍ମଣ ସମାଜ ଭ୍ରାମ୍ୟମାଣ ବୈଠକ ଝରିଗୁମ୍ମାସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରମଣୀ ରଞ୍ଜନ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ହରିହର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ବସନ୍ତ ପାଣିଗ୍ରାହୀ, ନରସିଂହ ମହାପାତ୍ର, ଧ୍ରୁବେନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରିବା ପରେ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାସଙ୍କ ସଭାପତିତ୍ୱରେ ବୈଠକ ଆରମ୍ଭ ହୋଇଥିଲା। ସଙ୍ଗଠନ ସମ୍ପାଦକ ଗୋବର୍ଦ୍ଧନ ସାହୁ ଗତ ବୈଠକର ବିବରଣୀ ପାଠ କରିଥିଲେ। ଉପସଭାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରାହ୍ମଣ ସମାଜର ସଙ୍ଗଠନକୁ କ୍ରିୟାଶୀଳ କରିବା, ବ୍ରାହ୍ମଣମାନଙ୍କ ବେଶଭୂଷା ଓ ଆଚରଣ ମାର୍ଜିତ ରଖିବା ନେଇ ଅତିଥି ଧ୍ରୁବେନ୍ଦ୍ର ମହାପାତ୍ର ମତ ରଖିଥିଲେ। ବସନ୍ତ ପାଣିଗ୍ରାହୀ ବ୍ରାହ୍ମଣ ସମାଜ ଆଧ୍ୟାତ୍ମିକ ସଚେତନତା ବାର୍ତ୍ତା ସମ୍ବଳିତ ରଥ ବାହାର କରି ସୁପ୍ତ ହୋଇପଡୁଥିବା ସମାଜକୁ କ୍ରିୟାଶୀଳ କରିବାକୁ ମତ ରଖିଥିଲେ। ବ୍ରାହ୍ମଣ ମନୁଷ୍ୟ ଜନ୍ମର ଶ୍ରେଷ୍ଠ ଜାତି, ତେଣୁ ବ୍ରାହ୍ମଣ ନିଜର ଶ୍ରେଷ୍ଠତା ପାଇଁ ନିଜକୁ ସେହିଭଳି ଗଢିବାକୁ ମୁଖ୍ୟଅତିଥି ରମଣୀ ରଞ୍ଜନ ତ୍ରିପାଠୀ ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ପର୍ଶୁରାମ ବାହିନୀ ଗଠନ କରାଯାଇ ସମାଜର ପାଣ୍ଠି ଗଠନ ଉପରେ ଆଲୋଚନା କରାଯାଇଥିଲା। ଶେଷରେ ଭବାନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ବୈଠକରେ ସଭାପତି ସନ୍ତୋଷ, କୋଷାଧ୍ୟକ୍ଷ ମନୋଜ ମହାପାତ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବ୍ରାହ୍ମଣ ସଦସ୍ୟ ଉପସ୍ଥିତ ଥିଲେ।

# ସ୍ୱାଭିମାନ ଅଞ୍ଚଳ ପଣସପୁଟରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ



କଳସ ଶୋଭାଯାତ୍ରାରେ ବାହାରିଥିବା ମହିଳା ।

**ଚିତ୍ରକୋଣ୍ଡା, ୧୯।୧୧(କ୍ଷୀରୋଦ ବେହେରା)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ପଣସପୁଟ ଗ୍ରାମରେ ଗାୟତ୍ରୀ ପରିବାର ତରଫରୁ ୧୮ ତାରିଖଠାରୁ ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନ କଳସ ଶୋଭାଯାତ୍ର, ଦୀପ ମହାଯଜ୍ଞ ଓ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରବିବାର ଘୃତଯଜ୍ଞ ସହ ପୂର୍ଣ୍ଣାହୁତି କରାଯାଇଥିଲା । ଯଜ୍ଞରେ ପଣଶପୁଟ ପଞ୍ଚାୟତରେ ୩ଶହରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ। ଉକ୍ତ ଯଜ୍ଞ ମାଧ୍ୟମରେ ଗାୟତ୍ରୀ ପରିବାରଙ୍କୁ ବ୍ୟକ୍ତି ନିର୍ମାଣ, ପରିବାର ନିର୍ମାଣ ଓ ସମାଜ ନିର୍ମାଣ ଉପରେ ଆଲୋଚନା ସହ ଶିକ୍ଷା ଦିଆଯାଇଥିଲା। ବିଶେଷ କରି ନିଶା ନିବାରଣ, ଗୁଟୁକା ନିବାରଣ, ବାଲ୍ୟ ବିବାହ ବନ୍ଦ କରିବା, କାହିଁକି ଚାରା ରୋପଣ କରିବା ଉପରେ ଆଲୋଚନା ସହ ପାରିବାରିକ କ୍ଷେତ୍ରରେ ସରଳ ଜୀବନଯାପନ, ପାରିବାରିକ ଉନ୍ନତି ଉପରେ ଶିକ୍ଷା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ମାଲକାନଗିରି ଗାୟତ୍ରୀ ପରିବାର ଡୋଲୀ ପରିବାର ପରିଚାଳନା କରିଥିଲେ ।

### ଓଡ଼ିଶା ଡ୍ରାଇଭର ମହାସଂଘର ଜିଲାସ୍ତରୀୟ ବୈଠକ

**ଡାବୁଗାଁ, ୧୯।୧୧(ପ୍ରଜ୍ଞାରଞ୍ଜନ ପରିଡା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ସଂକଳ୍ପ ବନ ପାର୍ଶ୍ୱରେ ଥିବା ଜଙ୍ଗଲରେ ରବିବାର ଓଡିଶା ଡ୍ରାଇଭର ମହାସଂଘର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ଦିଲ୍ଲୀପ ସୁନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଂଘକୁ କିପରି ଦୃଢ କରିବା, ଡ୍ରାଇଭରଙ୍କ ଦାବିକୁ ସରକାର କିଭଳି ଶୀଘ୍ର ପୂରଣ କରିବେ, ଜିଲାର ୧୦ଟି ବ୍ଲକରେ ଥିବା କୌଣସି ଡ୍ରାଇଭରଙ୍କ କିଛି ସୁବିଧା ଅସୁବିଧା ହେଲେ ସଂଘ ସହଯୋଗ କରିବା, ସମସ୍ତ ଡ୍ରାଇଭର ଟ୍ରାଫିକ ନିୟମ ମାନି ଗାଡି ଚଳାଇବା, ସବୁବେଳେ ନିଜ ଡ୍ରାଇଭିଂ ଲାଇସେନ୍ସ ସହ ଗାଡିର ସମସ୍ତ କାଗଜପତ୍ର ପାଖରେ ରଖି ଗାଡି ଚଲେଇବା, ଗାଡି ଚଲେଇବା ସମୟରେ ମଦ୍ୟପାନ ନ କରିବା, ସମସ୍ତ ଡ୍ରାଇଭର ୟୁନିଫର୍ମ ପିନ୍ଧି ଗାଡି ଚଳାଇବା ସହ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ମାଲକାନଗିରି ଜିଲା ସଂଘ ସଭାପତି ଚିତ୍ରସେନ ବେହେରା, ଜିଲା ସଂଘ ଉପସଭାପତି ରାଜୁ ଖୋସଲା,



ସମ୍ପାଦକ ଶୁଭମ ରାଓ, ସହ ସମ୍ପାଦକ ସୁକାନ୍ତ ସିଂଦାସ, କୋଷାଧ୍ୟକ୍ଷ ଶୁଭେନ୍ଦୁ କର୍କରା ଯୋଗଦେଇଥିଲେ। ସେହିପରି ଡାବୁଗାଁ ବ୍ଲକ ସଭାପତି ସନ୍ତୋଷ ଭତ୍ରା, ଉପସଭାପତି ଦିଲ୍ଲୀପ ନାୟକ, ସମ୍ପାଦକ ଅମିର ଅଲ୍ଲୀ ଖାନ, ସହ ସମ୍ପାଦକ ବିଶ୍ୱଜିତ ବୈଠାରୁ, କୋଷାଧ୍ୟକ୍ଷ ଉମାକାନ୍ତ ପାତ୍ର, ଉତ୍ତମ ପ୍ରଧାନ, ପି. ଭୈରବ ରାଓ, ରାଜୁ ସାନ୍ତା, ପ୍ରଶାନ୍ତ ପଣ୍ଡା, କୃପାସିନ୍ଧୁ ଗୌଡ, ଧନିରାମ ବିଶୋଇ, ଯୋଗେଶ ହରିଜନ, ତାପସ ମଲ୍ଲିକ, ସୁବୋଧ ସାଗରିଆ, ବଳି ହରିଜନ, ବଳରାମ ଜାନୀ ଓ ଜିଲାର ୧୦ଟି ବ୍ଲକରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଡ୍ରାଇଭର ଯୋଗ ଦେଇଥିଲେ ।

# କଳାର ସମାଜର ସହସ୍ରାର୍ଜୁନ ଜୟନ୍ତୀ

**ଡାବୁଗାଁ, ୧୯।୧୧(ପ୍ରଜ୍ଞାରଞ୍ଜନ ପରିଡା)**

ଡାବୁଗାଁ ବ୍ଲକ ସଦର ମହକୁମା ଭେଲୁଆଗୁଡାସ୍ଥିତ କଳାର ସମାଜ ଭବନଠାରେ ରବିବାର ଜିଲା କଳାର ସମାଜ ତରଫରୁ ଇଷ୍ଟ ଦେବତା ସହସ୍ରାର୍ଜୁନଙ୍କ ଜୟନ୍ତୀ ଓ ନୂଆଖାଇ ଭେଟଘାଟ ପାଳିତ ହୋଇଛି। ସମାଜର ସଦସ୍ୟମାନେ ଡାବୁଗାଁ ଭୈରବ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଭେଲୁଆଗୁଡାସ୍ଥିତ କଳାର ସମାଜ ଭବନଠାରେ ପହଞ୍ଚିଥିଲେ। ସେଠାରେ ସମାଜର ଇଷ୍ଟ ଦେବତା ସହସ୍ରାର୍ଜୁନଙ୍କ ପୂଜାର୍ଚ୍ଚନା କରିଥିଲେ। ପରେ ଜିଲା ସଭାପତି ରାମନାଥ କଳାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋଇ, ପାପଡାହାଣ୍ଡି ବ୍ଲକ ଜିଲା ପରିଷଦ ସଭ୍ୟ ଯଶୋବନ୍ତ ନାୟକ ଓ ସଭ୍ୟା ଡା. ଲିପିକା ମାଝି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡାବୁଗାଁସ୍ଥିତ କଳାର ସମାଜ ଭବନ ପାଖରେ ବିଧାୟକ ପାଣ୍ଠିରୁ ୩ ଲକ୍ଷ ଟଙ୍କା ବ୍ୟୟରେ ଏକ ସଭାଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ଓ ସମାଜ ଭବନର ପାଚେରି ନିର୍ମାଣ ନିମନ୍ତେ ଏମ୍‌ପି ପାଣ୍ଠିରୁ ୫ ଲକ୍ଷ ଟଙ୍କା ଘୋଷଣା କରିଥିଲେ। ଏଥିରେ ଜିଲା କଳାର ସମାଜ ସମ୍ପାଦକ ତ୍ରିଲୋଚନ ପାଣ୍ଡେ, ଡାବୁଗାଁ ବ୍ଲକ ସଭାପତି ରଘୁନାଥ କଳାର, ସମ୍ପାଦକ କେଶବ ବେସ୍ରା, ଉମରକୋଟ ବ୍ଲକ ସଭାପତି ପବିତ୍ର ସେଠିଆ, ଝରିଗାଁ ବ୍ଲକ ସଭାପତି ମାଧବ କଳାର, ରାଇଘର ବ୍ଲକ ସଭାପତି ରବିସିଂ ପାଣ୍ଡେ, କୋଷଗୁମୁଡା ବ୍ଲକ ସଭାପତି ସଗରାମ କଳାର ଓ ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ କଳାର ସମାଜର ମହିଳା ଓ ପୁରୁଷ ଯୋଗ ଦେଇଥିଲେ।



କଳାର ସମାଜ ସଦସ୍ୟମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ଉମରକୋଟକୁ ହରାଇ ଛତିଶଗଡ଼ ବଚଲି ବିଜୟୀ

**କୋଷାଗୁମୁଡା, ୧୯।୧୧(ପ୍ରସାଦ ବିଷୋୟୀ)**

### ମା' ଠାକୁରାଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ରାଜୋଡା ଗ୍ରାମରେ ଆୟୋଜିତ ମା' ଠାକୁରାଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ ଛତିଶଗଡ଼ ରାଜ୍ୟର ବଚଲି ଓ ଉମରକୋଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଚଲି ଦଳ ଉମରକୋଟ ଦଳକୁ ୧–୦ ଗୋଲରେ ପରାସ୍ତ କରି ବିଜେତା ହୋଇଛି। ମ୍ୟାଚକୁ ବିଶ୍ୱଜିତ ଭଟ୍ଟାଚାର୍ଯ୍ୟ, ଉମାଶଙ୍କର, ସୁମିତ ନାଗ, ବିକି ପୋଡ୍‌ୱାଲ ପରିଚାଳନା କରିଥିଲେ। ବିଜେତା ଦଳକୁ ୨୫ ହଜାର ଟଙ୍କା ସହ ଟ୍ରଫି ଓ ପରାଜିତ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝୀ, ସ୍ଥାନୀୟ ସରପଞ୍ଚ ବନମାଳୀ ଓ ସମ୍ମାନିତ ଅତିଥି ଭାବେ କୁଞ୍ଜ ବିହାରୀ ଦାସ, ପଦ୍ମନ ବିଶୋଇ, ମୁନା ବିଶୋଇ ଯୋଗ ଦେଇଥିଲେ । କମିଟି ସଭାପତି ସନସାଏ ଧୋବି, ଉପ ସଭାପତି ତୁଳାରାମ ଧୋବି, ସମ୍ପାଦକ ନୀଳାମ୍ବର ଦିଶାରୀ, ସହ ସମ୍ପାଦକ ଦୟାରାମ ସମରଥଓ ଦୈତାରୀ ଚନ୍ଦନିଆ, କମଳଲୋଚନ ଭତ୍ରା, ମହେଶ୍ୱର ଧୋବି, ସମାରୁ ଚନ୍ଦନିଆ ଓ ଲୋକନାଥ ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଥିଲେ।



ଅତିଥିଙ୍କ ଗହଣରେ ବିଜେତା ଓ ଉପବିଜେତା ଦଳର ଖେଳାଳିମାନେ।

# ସୋସିଆଲ ମିଡିଆ ପରିଚାଳନା ପାଇଁ ମାଲକାନଗିରି ପୁରସ୍କୃତ

**ମାଲକାନଗିରି, ୧୯।୧୧(ଦୁର୍ଯ୍ୟୋଧନ ପାତ୍ର)**

ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କର୍ମଶାଳାରେ ମାଲକାନଗିରି ଜିଲା ଓ ବ୍ଲକକୁ ୨ଟି ପୁରସ୍କାର ମିଳିଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାରେ ୩୦ଜିଲାର ସମସ୍ତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ସମସ୍ତ ବ୍ଲକର ବିଡିଓ ଯୋଗ ଦେଇଥିଲେ। ଏହି ଅବସରରେ ୩୦ ଜିଲାରୁ ସୋସିଆଲ ମିଡିଆ ପରିଚାଳନାରେ ବେଷ୍ଟ ୫ ମଧ୍ୟରୁ ମାଲକାନଗିରିକୁ ଓ ୩୧୪ ବ୍ଲକ ମଧ୍ୟରୁ ବେଷ୍ଟ ୧୦ ବ୍ଲକକୁ ପୁରସ୍କୃତ କରାଯାଇଛି। ଅତିଥିମାନଙ୍କଠାରୁ ମାଲକାନଗିରି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ ଓ ବିଡିଓ ପ୍ରଭାତି ଝୋଡିଆ ମାନପତ୍ର ଓ ପୁରସ୍କାରକୁ ଗ୍ରହଣ କରିଥିଲେ।



ଲୋକସେବା ଭବନରେ ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି ।

# କାଗଜପତ୍ରରେ ଆବାସ ନିର୍ମାଣ ଦର୍ଶାଇ ଅର୍ଥ ହଡପ ଅଭିଯୋଗ

**ତେନ୍ତୁଲିଖୁଣ୍ଟି, ୧୯।୧୧(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଅଧୀନ ଦିଗି ପଞ୍ଚାୟତରେ ଜଣେ ଗାଁ ସାଥୀ ଗ୍ରାମ ରୋଜଗାର ସେବକଙ୍କ (ଜିଆରଏସ୍)ଙ୍କ ହାତବାରିସୀ ସାଜିଥିବା ଆବାସ ଯୋଜନାର କେତେ ଜଣ ହିତାଧିକାରୀ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ଶ୍ରମ କାର୍ଡ ଥିବା ସତ୍ତ୍ୱେ ସେମାନଙ୍କ ସହ ଚଞ୍ଚକତା କରି ସେମାନେ ପାଇବାକୁ ଥିବା ଅର୍ଥ ହଡପ କରାଯାଉଛି। ଖବରରୁ ଜଣାପଡିଛି, ପଞ୍ଚାୟତର ଜଣେ ହିତାଧିକାରୀ କୁସୁମା ସିଙ୍କ ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର ହୋଇଥିଲା। ଏ ବାବଦରେ ସେ ପ୍ରଥମ କିସ୍ତି ୪୦ ହଜାର ଟଙ୍କା ପାଇଛନ୍ତି। ତେବେ କେତେକ କାରଣରୁ ସେ ଗୃହ କାର୍ଯ୍ୟ ଆରମ୍ଭ କରିପାରିନାହାନ୍ତି। ତେବେ ତାଙ୍କ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିବା କାଗଜ କଲମରେ ଦର୍ଶାଇ ୨୧ହଜାର ୩୩୦ଟଙ୍କା ହଡପ କରାଯାଇଛି ବୋଲି କୁସୁମା ଅଭିଯୋଗ କରିଛନ୍ତି। ସରକାରୀ ନିୟମ ଅନୁସାରେ ଏମଜିଏନଆରଇଜିଏସ୍‌ରେ ଶ୍ରମ କାର୍ଡ ରହିଥିବା ହିତାଧିକାରୀଙ୍କ ଆକାଉଣ୍ଟରେ ଆବାସ କାର୍ଯ୍ୟ ଶେଷ ହେବା ପରେ ସମ୍ପୂର୍ଣ୍ଣ ଟଙ୍କା ଡିପୋଜିଟ୍ ହେବା କଥା। ମାତ୍ର କେଉଁ ଆଧାରରେ ହିତାଧିକାରୀ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ନ କରୁଣୁ ତାଙ୍କ ଘର ନିର୍ମାଣ କାର୍ଯ୍ୟ ସରିଯାଇଥିବା କାଗଜପତ୍ରରେ ଦର୍ଶାଇ ଟଙ୍କା ହଡପ କରାଯାଇଛି ବୋଲି କୁସୁମା ପ୍ରଶ୍ନ ଉଠାଇଛନ୍ତି। ସେହିଭଳି ପଞ୍ଚାୟତର ନବିନା ପାତ୍ର, ଭରତ ବିଶୋୟୀ, ଯମୁନା ନାୟକଙ୍କ ସହ ଅନେକ ଆବାସ ହିତାଧିକାରୀଙ୍କ ଆବାସ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ବ୍ଲକର ୧୫ଟି ପଞ୍ଚାୟତରେ ଆବାସ ଯୋଜନାର ହିତାଧିକାରୀ ଗୃହ କାର୍ଯ୍ୟ ଅଧା କରି କିମ୍ବା ସମ୍ପୂର୍ଣ୍ଣ କରି ମଧ ସେମାନଙ୍କ ଟଙ୍କା ଏଯାବତ ପାଇନାହାନ୍ତି । ଏ ସମ୍ପର୍କରେ ବିଡ଼ିଓ ମନୋଜ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଲେ, ଏନେଇ କୌଣସି ଅଭିଯୋଗ ଆସିନି। ତେବେ ଅଭିଯୋଗ ନ ଆସିଲେ ମଧ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ପ୍ରଥମ ଥର ପାଇଁ କିନ୍ନର କଲେ ରକ୍ତଦାନ

**ନବରଙ୍ଗପୁର, ୧୯।୧୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ଇତିହାସରେ ପ୍ରଥମ ଥର ପାଇଁ ଜଣେ କିନ୍ନର ରକ୍ତଦାନ କରି ଇତିହାସ ସୃଷ୍ଟି କରିଛନ୍ତି। ସ୍ଥାନୀୟ ସାଇବାବା ମନ୍ଦିର ସେବା ସମିତି ପକ୍ଷରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଇ ଖବର ପ୍ରସାରିତ ହେବା ପରେ ଜିଲା କିନ୍ନର ସଂଘର ସମ୍ପାଦକ ଟୁମକି ରକ୍ତଦାନ କରିବା ନିମନ୍ତେ ଇଚ୍ଛା ପ୍ରକାଶ କରିଥିଲେ। କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ସାଇ ବାବା ସମିତିର କର୍ମକର୍ତ୍ତାଙ୍କୁ ଯୋଗାଯୋଗ କରିବା ପରେ ରକ୍ତଦାନ ସମ୍ଭବପର ହୋଇପାରିଥିଲା। ଜଣେ କିନ୍ନରଙ୍କୁ ରକ୍ତଦାନ କରିବାରେ ସାଇ ମନ୍ଦିର କମିଟିର ସଦସ୍ୟମାନେ ସୁଯୋଗ ଦେଇଥିବାରୁ ଟୁମୁକି କିନ୍ନର ଧନ୍ୟବାଦ ଜଣାଇଛନ୍ତି। ଜଣେ କିନ୍ନର ଏପରି ରକ୍ତଦାନ କରିବା ଦ୍ୱାରା ଅନ୍ୟମାନଙ୍କ ମଧ୍ୟରେ ରକ୍ତଦାନ କରିବା ନିମନ୍ତେ ଆଗ୍ରହ ସୃଷ୍ଟି ହେବ ବୋଲି ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ କହିଛନ୍ତି। ଏହି ଖବର ପ୍ରସାରିତ ହେବା ମାତ୍ରେ ଟୁମକିଙ୍କ ଏପରି ଏକ ଅଭିନବ ପଦକ୍ଷେପ ପାଇଁ ପ୍ରଶଂସା କରାଯାଇଛି।

# ଡିସେମ୍ବର ୧୦ରୁ ମଣ୍ଡେଇ

**ନବରଙ୍ଗପୁର, ୧୯।୧୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ଲୋକ ମହୋତ୍ସବ ମଣ୍ଡେଇ ଆସନ୍ତା ଡିସେମ୍ବର ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ନୂତନ ମଣ୍ଡେଇ ପଡିଆଠାରେ ମହାସମାରୋହରେ ଅନୁଷ୍ଠିତ ହେବ। ଏହାକୁ ସରସ ସୁନ୍ଦର ଭାବେ ଆୟୋଜନ କରିବା ଲାଗି ବସିଥିବା ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବିଭିନ୍ନ ସବ କମିଟି ଗଠନ କରାଯାଇଛି। ଏହି ଅବସରରେ ମଞ୍ଚ ନାଟକ, କବିତା ପାଠ ଓ ଆଲୋଚନାଚକ୍ର କରିବା ପାଇଁ କମିଟି ଅଧ୍ୟକ୍ଷ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ ଉପସ୍ଥିତ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଡିସେମ୍ବର ୩ରେ ମିଶନଶକ୍ତି ସଭା ଗୃହରେ କବିତା ପାଠ, ଡିସେମ୍ବର ୪ରୁ ୮ ପର୍ଯ୍ୟନ୍ତ ସ୍ଥାନୀୟ ଶାସ୍ତ୍ରୀ ଭବନ (ଟାଉନ ହଲ୍)ଠାରେ ମଞ୍ଚ ନାଟକ ଏବଂ ଡିସେମ୍ବର ୬ରେ ରାଜା ଚୈତନ୍ୟ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ମଣ୍ଡେଇ ସ୍ମରଣିକା ପ୍ରକାଶ ପାଇବ। ଏଥିପାଇଁ ଇଚ୍ଛୁକ ଲେଖିକା, ଲେଖକ ଜିଲାର କଳା,ସଂସ୍କୃତି, ଐତିହ୍ୟ ତଥା ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡା ଓ ପର୍ଯ୍ୟଟନ ଉପରେ ଲେଖି ଜିଲା ସଂସ୍କୃତି ବିଭାଗକୁ ନଭେମ୍ବର ୨୫ ସୁଦ୍ଧା ପଠାଇବା ପାଇଁ କୁହାଯାଇଛି। ଏହି ସମୟ ସୀମା ମଧ୍ୟରେ ମଣ୍ଡେଇ ମଞ୍ଚ ପାଇଁ ଜିଲାର ଇଚ୍ଛୁକ ଉଦଘୋଷକ, ଉଦଘୋଷିକା ଚୟନ ପାଇଁ ମଧ ଆବେଦନ କରିପାରିବେ। ଜିଲା ର ସମସ୍ତ ବ୍ଲକ ଓ ପୌରପାଳିକାରୁ ମଣ୍ଡେଇ ମଞ୍ଚ ନାଟକ ପାଇଁ ଏବଂ ମୁଖ୍ୟ ମଣ୍ଡେଇ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ପ୍ରସ୍ତୁତି ପୂର୍ବକ ଶ୍ରେଷ୍ଠ ଦଳଙ୍କୁ ସମ୍ପୃକ୍ତ ବ୍ଲକର ବିଡିଓ, ପୌରପାଳିକା ନିର୍ବାହୀ ଅଧିକାରୀ ଜିଲା ସଦରମହକୁମାକୁ ପଠାଇବେ। କାର୍ଯ୍ୟକ୍ରମ ପରେ ସମ୍ପୃକ୍ତ ଦଳଙ୍କୁ ନେବା ବ୍ୟବସ୍ଥା କରିବେ। ଏହି ବୈଠକରେ କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ସହାୟକ ଜିଲାପାଳ ଆଶୁତୋଷ ପାତ୍ର, ସ୍ମରଣିକା କମିଟି ଅଧ୍ୟକ୍ଷ ବିଜୟ କୁମାର ଚୌଧୁରୀ, କମିଟିର ସମସ୍ତ ସଦସ୍ୟା ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ୭୦ତମ ସମବାୟ ସପ୍ତାହ ପାଳନ

**ମାଲକାନଗିରି, ୧୯।୧୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସଦରରେ ଥିବା ସଂସ୍କୃତି ଭବନରେ ଜିଲାସ୍ତରୀୟ ୭୦ ତମ ନିଖିଳ ଭାରତୀୟ ସମବାୟ ସପ୍ତାହ ୨୦୨୩ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମୁଖ୍ୟ ବକ୍ତା ନିର୍ଦ୍ଦେଶକ ରମାକାନ୍ତ ରାଉଳ, ସମ୍ମାନିତ ଅତିଥି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଅତିରିକ୍ତ ଜିଲାପାଳ(ସାଧାରଣ) ତ୍ରିନାଥ ମାଝି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଉପଜିଲାପାଳ ଡ.ଅକ୍ଷୟ କୁମାର ଖେମୁଣ୍ଡୁ ଓ ଜୟପୁର




ସମବାୟ ସପ୍ତାହରେ ଅତିଥିମାନେ ଜଣେ ବ୍ୟକ୍ତିଙ୍କୁ ପୁରସ୍କୃତ କରୁଛନ୍ତି ।

ଡିଆରସିଏସ୍ ଭୀମସେନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସମବାୟ ସମିତି ସପ୍ତାହ ନଭେମ୍ବର ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ସପ୍ତାହ ମଧ୍ୟରେ ମାରାଥନ୍, ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ସମବାୟ ରଥ ପରିକ୍ରମା ଓ ରକ୍ତଦାନ ଶିବିର ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ଅର୍ଥରାଶି ପ୍ରଦାନ କରିଥିଲେ। ଏଥିସହ ସମିତିସ୍ତରରେ ଭଲ କାର୍ଯ୍ୟ କରିଥିବା ସମିତି, ପରିଚାଳକ, ଅନ୍ୟାନ୍ୟ କର୍ମଚାରୀ, ବ୍ୟାଙ୍କ କର୍ମଚାରୀ, ଚାଷୀ, ଋଣ ନେଇଥିବା ବ୍ୟକ୍ତି ଓ ଜମା କରିଥିବା ବ୍ୟକ୍ତିମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ମାଲକାନଗିରି ଏଆରସିଏସ୍ ବିକାଶ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ବରିଷ୍ଠ ରାଜସ୍ୱ ସହାୟକ ସରୋଜ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଜୟପୁର ଏସଏଆରସିଏସ୍ ଶିଶିରକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମିତି କର୍ମଚାରୀ, ବ୍ୟାଙ୍କ କର୍ମଚାରୀ ଓ ଚାଷୀମାନେ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଡିସେମ୍ବର ୨୬ରୁ ଜିଲାସ୍ତରୀୟ ଚଇତି

**ଗତ ଚଇତିରେ ଅର୍ଥ ଅନିୟମିତତା ଅଭିଯୋଗ, ତଦନ୍ତ ଦାବି**

ରାୟଗଡ଼ା,୧୯।୧୧ (ଆଶିଷ ରଞ୍ଜନ ପଣ୍ଡା)

ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ ଠାରେ ରବିବାର ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତି ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଡିସେମ୍ବର ୨୬ ତାରିଖରୁ ୫ ଦିନ ବ୍ୟାପି ଚଇତି ପାଳନ ନେଇ ବୈଠକରେ ନିଷ୍ପତ୍ତି ହୋଇଛି । ହକି ବିଶ୍ୱକପ୍ ପାଇଁ ଗତ ବର୍ଷ ଚଇତି- ୨୦୨୩ ଜାନୁୟାରୀରେ ଅନୁଷ୍ଠିତ ହୋଇଥିଲେ ମଧ ଚଳିତ ଥର ଠିକ୍ ସମୟରେ ଚଇତି ହେବା ନେଇ ନିଷ୍ପତ୍ତି ହୋଇଛି । ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଏସ୍‌କେୱାଇ ଉପଦେଷ୍ଟା ସୁଧୀର ଦାସ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ ପ୍ରମୁଖ ଯୋଗଦେଇଥିଲେ। ଜିଲାସ୍ତରୀୟ ଚଇତି ପୂର୍ବରୁ ବ୍ଲକସ୍ତରୀୟ ଚଇତି ପାଳନ ହେବ । ଚଇତି ଶୁଭାରମ୍ଭ ପୂର୍ବକ କଲ୍ୟାଣସିଂହପୁରସ୍ଥିତ ପ୍ରସିଦ୍ଧ ଶୈବପୀଠ ଦେବଗିରିଠାରେ ଏହାର ଶୁଭାରମ୍ଭ କରାଯିବ। ଗୁଣପୁରଠାରେ ଡିସେମ୍ବର ୨୨ରୁ ୨୪ ପର୍ଯ୍ୟନ୍ତ ୩ ଦିନ ଧରି ଇଡିତାଲ ଉତ୍ସବ ପାଳନ ହେବ। ସମସ୍ତ କମିଟି ପୂର୍ବ ଭଳି କାମ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପାତ୍ର, ଏସ୍‌ଡିସି ଅଧ୍ୟକ୍ଷା ଅନସୂୟା ମାଝୀ, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଆୟୋଜିତ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥିମାନେ।

ବୈଠକରେ ଗତ ଚଇତି କାର୍ଯ୍ୟକ୍ରମରେ ହୋଇଥିବା ବ୍ୟାପକ ଅର୍ଥ ଅନିୟମିତତାକୁ ନେଇ ସଭ୍ୟାସଭ୍ୟମାନେ ଅଭିଯୋଗ କରିବା ସହିତ ଜିଲା ସଂସ୍କୃତି ଅଧିକାରୀଙ୍କୁ ଦାୟୀ କରି ହଇଚଗୋଳ କରିଥିଲେ । ସଂସ୍କୃତି ଅଧିକାରୀ ନିଜ ବ୍ୟକ୍ତିଗତ ନାମରେ ଚେକ୍ ନେବାର ନିୟମ ରହିଛି କି ବୋଲି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଥିଲେ। ଏଥିସହିତ ନଗଦ ଟଙ୍କା କାରବାର ହେବା ସହିତ କ୍ୟାଶବୁକ୍ କାହିଁକି ଲେଖାଯାଇନାହିଁ ବୋଲି ସଭ୍ୟମାନେ ପ୍ରଶ୍ନ କରିଥିଲେ । ଜିଲାବାସୀଙ୍କ ପାଇଁ ହେଉଥିବା ଜିଲାସ୍ତରୀୟ ଚଇତି ପର୍ବରେ ସ୍ଥାନୀୟ ଲୋକଙ୍କୁ ଇଭେଣ୍ଟ ମ୍ୟାନେଜମେଣ୍ଟ କାମ ଦିଆଯିବା ପରିବର୍ତ୍ତେ ବାହାର ଲୋକଙ୍କୁ ଦେଇ ବ୍ୟାପକ ଅର୍ଥ ଅନିୟମିତତା କରାଯାଉଛି। ଏ ନେଇ ପ୍ରମାଣ ସହିତ ଅଭିଯୋଗ କରିଥିଲେ କଂଗ୍ରେସ ନେତା ସୁନୀଲ ଚନ୍ଦ୍ର ପଣ୍ଡା, ଆପ୍ ନେତା ଜନ୍ମେଜୟ ସ୍ୱାଇଁ, ବରିଷ୍ଠ ଖବରଦାତା ବାଦଲ ତା, ରଞ୍ଜନ ରଥ, ଗୋପରଞ୍ଜନ ବକ୍ସିପାତ୍ର, ରବୀନ୍ଦ୍ର ପାଟଖଣ୍ଡାଳ, ସାମାଜସେବୀ ସନ୍ତୋଷୀ ସେନାପତି, ଆଇନଜୀବୀ ପ୍ରଦୀପ ଦାସ। ଏଭଳିକି ସ୍ଥାନୀୟ କଳାକାର ଚଇତିରେ ଅଂଶଗ୍ରହଣ କରିବାକୁ କଳାକାରଙ୍କୁ ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଥିଲା । ଏ ନେଇ ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀଙ୍କୁ ପଚାରିବାରୁ କୌଣସି ଅର୍ଥ ଅନିୟମିତତା ହୋଇନାହିଁ । ସମସ୍ତ ଖର୍ଚ୍ଚର କ୍ୟାଶବୁକ୍ ଲେଖା ହୋଇଥିବା ସେ କହିଥିଲେ । ଏଥିସହିତ ତାଙ୍କ ଉପରେ ଲଗାଯାଇଥିବା ସମସ୍ତ ଆରୋପ ମିଥ୍ୟା ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ସଂସ୍କୃତି ଅଧିକାରୀ ବାଉରୀ । ଅପରପକ୍ଷେ ଏହି ଅଭିଯୋଗର ସମାଧାନ ପାଇଁ ପୁଣି ଆଉ ଏକ ବୈଠକ ଆୟୋଜନ କରାଯାଇ ଆର୍ଥିକ ତଥ୍ୟ ଉପସ୍ଥାପନ ହେବ ବୋଲି ଅତିରିକ୍ତ ଜିଲାପାଳ ଭାସ୍କର ରଇତ କହିଥିଲେ।

# ଓଡ଼ିଶା ଗ୍ରାମପଞ୍ଚାୟତ କର୍ମଚାରୀ ସଂଘ ବୈଠକ



ରାୟଗଡା,୧୯।୧୧(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା ଓଡିଶା ଗ୍ରାମପଞ୍ଚାୟତ କର୍ମଚାରୀ ସଂଘ ପକ୍ଷରୁ ରବିବାର ସ୍ଥାନୀୟ କୁମୁଟିପେଣ୍ଠ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି । କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ରଖିବା ସହିତ ସରକାରଙ୍କ ଘୋଷଣା ହୋଇଥିବା ଦୈନିକ ମଜୁରି ୩୫୨ ଟଙ୍କା ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି ନେଇ ଜିଲା ସଭାପତି ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ରାୟଗଡ଼ା ଜଲାର ୧୧ଟି ବ୍ଲକର ୧୮୨ଟି ଗ୍ରାମ ପଞ୍ଚାୟତରେ ମୋଟ ୨୩୬ଜଣ ପିଅନ, ରାତ୍ର ଜଗୁଆଳି, ଝାଡୁଦାର କର୍ମଚାରୀମାନେ ଉପସ୍ଥିତ ଥିଲେ । ରାଜ୍ୟ ସଂଘ ସାଧାରଣ ସମ୍ପାଦକ ସୁବ୍ରତ କୁମାର ରାଉଳ ଓ କୋଷାଧ୍ୟକ୍ଷ ଅରୂପାନନ୍ଦ ଓ ସମ୍ମାନିତ ଅତିଥି ଭାବେ ରାକେଶ ମହାପାତ୍ର ଓ ପୁଷ୍ପାଞ୍ଜଳି ଜେନାଙ୍କ ଉପସ୍ଥିତିରେ ୮ ଦଫା ଦାବି ଉପସ୍ଥାପନ କରାଯାଇଥିଲା । ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା, ସମାନ କାମକୁ ସମାନ ଦରମା, ୨୦୧୪ ମସିହାର ୧୨୫ ନିୟମ, ୧୯୬୪ ମସିହା ୧୨୩ ଆଇନ ତୁରନ୍ତ ସଂଶୋଧନ କରି ରାଜ୍ୟ ବଜେଟରେ ସ୍ୱତନ୍ତ୍ର ବଜେଟ କରିବା, ପଞ୍ଚାୟତିରାଜ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରି ପଞ୍ଚାୟତିରାଜ ବିଭାଗର ଇ-ଗଭର୍ନାନ୍ସ ପୋର୍ଟାଲ ସିଷ୍ଟମରେ କର୍ମଚାରୀଙ୍କ ସବିଶେଷ ତଥ୍ୟ ଅପଲୋଡ କରିବା, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ଦେବା ଦାବି କରାଯାଇଥିଲା। ବୈଠକରେ ଜିଲା ଉପ ସଭାପତି ଇପିପିଲି କାମେଶ୍ୱର ରାଓ, ସମ୍ପାଦକ ସୁବାଷ ଆଉକା, ସହ ସମ୍ପାଦକ ପାଉଲା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଟିକିରିରେ ଛଟ୍ ପୂଜା ପାଳିତ

ଟିକିରି,୧୯।୧୧(ପ୍ରଫୁଲ କୁମାର ବେହେରା )

କାଶୀପୁର ବ୍ଲକ୍ ଟିକିରି ଓ ଡଙ୍ଗାସିଲ ଗ୍ରାମରେ ଥିବା ବିହାରୀ ସମ୍ପ୍ରଦାୟର ଲୋକମାନେ ମୁଖ୍ୟ ପର୍ବ ଛଟ୍ ପୂଜା ପାଳନ କରୁଛନ୍ତି। ବିହାରୀ ପରିବାରର ମହିଳାମାନେ ଧନ ସମ୍ପତ୍ତି ବୃଦ୍ଧି ଓ ସ୍ୱାମୀ, ସନ୍ତାନଙ୍କ ମଙ୍ଗଳ କାମନା କରି ୩ ଦିନ ଧରି ସୂର୍ଯ୍ୟ ଦେବତାଙ୍କୁ ପୂଜା କରୁଛନ୍ତି। ନଦୀ, ପୋଖରୀ କୂଳରେ ଉଦିତ ସୂର୍ଯ୍ୟ ଓ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜା କରି କଦଳୀ ପଟୁଆ ବାନ୍ଧି ନିର୍ଜଳ ଉପବାସରେ ରହିଥିଲେ। ଛଟ୍ ପୂଜାରେ ଧାନ, ଗହମ ଓ ନୂଆ ଜିନିଷ ପୂଜା କରି ନୂଆଁ ଖାଇଥିଲେ। ଟିକିରି ଅଞ୍ଚଳ ର ଟିକିରି ଓ ଡଙ୍ଗାସିଲ ଗ୍ରାମରେ ଥିବା ବିହାରୀ ସମ୍ପ୍ରଦାୟର ଲୋକ ମାନେ ଏହି ପୂଜା ମହା ଆଡମ୍ବରରେ ୩ଦିନ ଧରି ପାଳନ କରୁଛନ୍ତି।

# ୫୬ ଆଦିବାସୀ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ

ବିଷମ କଟକ, ୧୯।୧୧ (ବିଭୂତି ଭୂଷଣ ନାୟକ)

ବିଷମ କଟକ ତହସିଲ କାର୍ଯ୍ୟାଳୟରେ ରବିବାର ମୋ ଜଙ୍ଗଲ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବିଷମ କଟକ ବ୍ଲକର ପ୍ରାୟ ୫୬ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିଲା।



ତେବେ ପର୍ଯ୍ୟାୟ କ୍ରମେ ଜିଲାର ବିଭିନ୍ନ ବ୍ଲକରେ ମୋ ଜଙ୍ଗଲ ଜମି ଅଧିକାରରେ ଜମି ହୀନ ପରିବାରଙ୍କୁ ପଟ୍ଟା ଦିଆଯିବ ବୋଲି ମନ୍ତ୍ରୀ ସାରକା କହିଛନ୍ତି। ଗ୍ରାମସଭା ମାଧ୍ୟମରେ ଜମି ହୀନ ପରିବାକୁ ଚିହ୍ନଟ କରାଯାଇଛି। ଜମିହୀନ ଆଦିବାସୀମାନେ ଜଙ୍ଗଲ ଜମି ପଟ୍ଟା ପାଇ ସେଥିରେ ଫସଲ ଅମଳ କରି ନିଜର ଜୀବନଜୀବିକ କିଭଳି ନିର୍ବାହ କରିପାରିବେ ସେ ନେଇ ରାଜ୍ୟ ସରକାରଙ୍କ ତରଫରୁ ଏଭଳି ପ୍ରୟାସ କରାଯାଇଥିବା ମନ୍ତ୍ରୀ ସାରାକା କହିଛନ୍ତି। କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଭାବେ ବିଷମ କଟକ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଡମ୍ବରୁ ଚୌଧୁରୀ ଏବଂ ବିଷମ କଟକ ତହସିଲଦାର କେ ଭେଙ୍କେଶ୍ୱର ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ପଦ୍ମପୁର,୧୯।୧୧ (ପ୍ରଶାନ୍ତ କର)

ରାୟଗଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୁଲ୍ୟରେ ପଦ୍ମପୁର ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟରେ ଗତ ୨ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଜନଜାତି କ୍ରୀଡା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପଦ୍ମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ମଣିମାଳା ଶବର, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ରମେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କ୍ରିକେଟ ଖେଳରେ ଗୁଲୁଗୁଡ଼ା ପଞ୍ଚାୟତ, ଭଲିବଲରେ ଡେରିଗାଁ, ଖୋଖୋରେ ଖିଲାମୁଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟ ଓ ବ୍ୟାଡମିଣ୍ଟନରେ ଖମାପଦର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଯୋଗୀ ବିଜେତା ହୋଇଥିଲେ। ବିଜେତା ଓ ପରାଜିତ ସମସ୍ତ ଦଳଙ୍କୁ ଉପସ୍ଥିତ ଅତିଥି ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରତିଯୋଗିତାରେ ବିଜୟୀ ଦଳ ରାୟଗଡ଼ାଠାରେ ଜିଲାସ୍ତରୀୟ କ୍ରୀଡା ଉତ୍ସବରେ ଭାଗ ନେବା ନେଇ ସୂଚନା ମିଳିଛି। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲା ପରିଷଦ ଖ' ଜୋନ ସଦସ୍ୟ ରବି ନାରାୟଣ ଆଚାର୍ଯ୍ୟ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ହୁରୁଟୁଲା ମାଝି, ସହଦେବ ମାଣ୍ଡାଙ୍ଗି, ପଦ୍ମପୁର ତହସିଲଦାର ଗୀତାଞ୍ଜଳି ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର, ଗୁଣପୁର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ ଦଳେଇ, ରାୟଗଡ଼ା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଧୀରେନ୍ଦ୍ର କୁମାର ସାହୁ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗରି ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମପୁରର ସମସ୍ତ ଖେଳ ଶିକ୍ଷକ, ଶିକ୍ଷକ ଅଜିତ ଚୌଧୁରୀ,ପି ବିଶନାଥ, ନୀଳମାଧବ ପାଣିଗ୍ରାହୀ, ରାଜକିଶୋର ପାଣିଗ୍ରାହୀ, ମୋହନ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପଦ୍ମପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଅନିୟମିତତା ଅଭିଯୋଗ

ରାୟଗଡ଼ା,୧୯।୧୧(ଆଶିଷ ରଞ୍ଜନ ପଣ୍ଡା)

ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଅନିୟମିତତା ଅଭିଯୋଗର ଲମ୍ବା ଫର୍ଦ୍ଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ରାୟଗଡ଼ା ଜିଲାର ବିଭିନ୍ନ ପଞ୍ଚାୟତରୁ ଏଭଳି ଅଭିଯୋଗ ଆସିଥିବା ବେଳେ ବର୍ତ୍ତମାନ ଖୋଦ ଜିଲା ସଦରମହକୁମାଠାରୁ ମାତ୍ର ୫ କିଲୋମିଟର ଦୂର ବାଇସିଂ ପଞ୍ଚାୟତରୁ ରବିବାର ଏଭଳି ଅଭିଯୋଗ ଆସିଛି। ସରପଞ୍ଚ, ସମିତି ସଭ୍ୟ ଓ ସମସ୍ତ ୧୩ ଜଣ ୱାର୍ଡ ସଭ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଜିଲାପାଳ ସ୍ୱଧା ଦେବ ସିଂ ଅଭିଯୋଗପତ୍ର ଗ୍ରହଣ କରି ବିକାଶମୂଳକ କାର୍ଯ୍ୟ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପଲ୍ଲୀ ସଭା ଓ ଗ୍ରାମ ସଭାରେ ଆଲୋଚନା ଏବଂ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯେଉଁ ୧୭ଟି ପ୍ରକଳ୍ପ ଅନୁମୋଦନ କରି ବ୍ଲକରେ ପଞ୍ଚାୟତ ତରଫରୁ ଦାଖଲ ହୋଇଥିଲା ସେଥିରେ ପରିବର୍ତ୍ତନ କରାଯାଇଛି। ବିଡିଓ ଏବଂ ଅନ୍ୟ କର୍ମଚାରୀ ଏଭଳି କରିଥିବା ସରପଞ୍ଚ ବିନିମା ମାଝୀ ଅଭିଯୋଗ କରିଛନ୍ତି। କେଉଁ ପରିସ୍ଥିତିରେ ପ୍ରକଳ୍ପ ପରିବର୍ତ୍ତନ କରାଗଲା ତାହାର ଉତ୍ତର ବିଡିଓ ପ୍ରଦାନ କରୁ ନ ଥିବା ସମିତି ସଭ୍ୟା ଅନିତା ବିଡିକା କହିଛନ୍ତି। ପ୍ରକୃତରେ ଯେଉଁ ପ୍ରକଳ୍ପ ଆବଶ୍ୟକ ତାହା ନ କରି ଅନୁଦାନ ହଡ଼ପ କରିବା ପାଇଁ ପରିବର୍ତ୍ତନ ହୋଇଥିବା ୱାର୍ଡ ସଭ୍ୟ ଓ ସଭ୍ୟାମାନେ କହିଛନ୍ତି। ଅଭିଯୋଗପତ୍ର ପ୍ରଦାନ ସମୟରେ ପଞ୍ଚାୟତ ବିକାଶ ସମିତି ସଭାପତି ବଳରାମ ପଣ୍ଡା, ସମ୍ପାଦକ ପଙ୍କଜ ବିଡିକା, ପ୍ରଦୀପ ତାଡିଙ୍ଗି, ଗଜେନ୍ଦ୍ର ବିଡିକା, ନବୀନ କିଲାକା, ରାଇ ତାଡିଙ୍ଗି ଓ ପୂର୍ଣ୍ଣଚନ୍ଦ୍ର ହୁଇକା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଜନପ୍ରତିନିଧି।

# ଜାତୀୟ ରାଜପଥ ମରାମତି ଦାବିରେ କଂଗ୍ରେସର ରାସ୍ତାରୋକୋ

ରାୟଗଡ଼ା,୧୯।୧୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଜେକେପୁର ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ନାଇଡୁପେଟା ନିକଟସ୍ଥ ରାସ୍ତା, ପୋଲ ଏବଂ ଜେକେପୁର ନିକଟସ୍ଥ ନାଗାବଳୀ ନଦୀ ପୋଲ ଶୋଚନୀୟ ଅବସ୍ଥାରେ ରହିଛି। ଉକ୍ତ ରାସ୍ତା ଓ ପୋଲ ମରାମତି ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ଜାତୀୟ ରାଜପଥ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହାର ପ୍ରତିବାଦରେ ରବିବାର ରାୟଗଡ଼ା ଜିଲା କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ଏମ୍‌ପିଙ୍କ ପ୍ରତିନିଧି ଏସ.ଜିବିଟେଶ୍ୱର ରାଓଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ରାୟଗଡ଼ା ବିଧାୟକ ପ୍ରାର୍ଥୀ ଆପଲସ୍ୱାମୀ କାଡ୍ରାକା, ଜିଲା ଯୁବ କଂଗ୍ରେସ ଉପସଭାପତି ଅସଲମ ଖାନ୍‌ଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧ ଯୋଗୁ ରାୟଗଡ଼ାଠାରୁ ସମସ୍ତ ଅଞ୍ଚଳକୁ ଯାତାୟାତ ଠପ୍ ହୋଇଯାଇଥିଲା । ଖବରପାଇ ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଓ ଏସଡିପିଓ ରଶ୍ମିରଞ୍ଜନ ସେନାପତି ଧାରଣା ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ଜାତୀୟ ରାଜପଥ ବିଭାଗ ରାସ୍ତା ଓ ପୋଲ ମରାମତି କରିବା ନେଇ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ପିସିସି ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡାଙ୍କ ସହ ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଆଲୋଚନା କରୁଛନ୍ତି।

ରାସ୍ତା ଖରାପ ଯୋଗୁ ନିୟମିତ ଦୁର୍ଘଟଣା ଘଟିବା ସହ ଅଞ୍ଚଳରେ ବସବାସ କରୁଥିବା ୨୦ ହଜାର ବାସିନ୍ଦା ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳିକି ଛାତ୍ରୀଛାତ୍ରମାନେ ସ୍କୁଲ, କଲେଜ ଆଦି ଯିବା ସମୟରେ ଖରାପ ରାସ୍ତା ଯୋଗୁ ଦୁର୍ଘଟଣା ଘଟିବାର ଆଶଙ୍କା ଅଧିକ ଥିବାରୁ ଅଭିଭାବକମାନେ ଚିନ୍ତାରେ ରହୁଥିବା କଂଗ୍ରେସ ଅଭିଯୋଗ କରିଥିଲା। ରାସ୍ତାରୋକୋ ଆନ୍ଦୋଳନରେ ଜିଲା କଂଗ୍ରେସ ସମ୍ପାଦକ ନନ୍ଦିଗୌରୀ, କେ.ରୋହିଣୀ, ଡୋକି ସୂରିଆ ରାଓ, ଏମ୍.ଶଙ୍କର ରାଓ ଓ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଆଇନ ସଚେତନତା କାର୍ଯ୍ୟକ୍ରମ

ଗୁଣୁପୁର,୧୯।୧୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ସ୍ଥାନୀୟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରବିବାର ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗୁଣୁପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା ସଂସ୍ଥାର ଅଧ୍ୟକ୍ଷ ଶେଖ୍ ମହମ୍ମଦ କାଇସି ଏଥିରେ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ଏବଂ ଅଶ୍ଳୀଳ ଇଙ୍ଗିତ ସହ ମହିଳାଙ୍କ ସୁରକ୍ଷାକୁ ନେଇ ଆଲୋଚନା ହୋଇଥିଲା । ସବ ଜଜ୍ ସନ୍ତୋଷ କୁମାର ମହାପାତ୍ର, ଏସ୍‌ଡିଜେଏମ ଶାନ୍ତଶ୍ରୀ ମହାନ୍ତି, ଓକିଲ ସଂଘର ସଭାପତି ଉମା ଚରଣ ପଟ୍ଟନାୟକ, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡ. ରମେଶ ଚନ୍ଦ୍ର ସାହୁ, ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ ସାହୁ, ଓକିଲ ଗଣେଶ ଲିମ୍ବା ପ୍ରମୁଖ ଯୋଗଦେଇ ମହିଳାଙ୍କ ପାଇଁ ଥିବା ଆଇନ ଉପରେ ଆଲୋଚନା କରିଥିଲେ।

# ବିବେକାନନ୍ଦ କନ୍ୟାକୁମାରୀ ଶାଖା ପକ୍ଷରୁ ସାଧନା ଦିବସ

ଗୁଣପୁର,୧୯।୧୧ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ବିବେକାନନ୍ଦ କନ୍ୟା କୁମାରୀ ଶାଖା ପକ୍ଷରୁ ରବିବାର ସାଧନା ଦିବସ ପାଳନ କରାଯାଇଛି। କେନ୍ଦ୍ରର ପ୍ରତିଷ୍ଠାତା ଏକନାଥ ଜି ରାନାଡେଙ୍କ ଜନ୍ମଦିନକୁ ସାଧନା ଦିବସ ଭାବେ କେନ୍ଦ୍ର ପକ୍ଷରୁ ପାଳନ କରାଯାଇଥିଲା। କେନ୍ଦ୍ରର ନଗର ପ୍ରମୁଖ ପ୍ରତାପ ଚନ୍ଦ୍ର ସାୟନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକନାଥଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଗୁଣପୁର ମହିଳା ମହାବିଦ୍ୟାଳୟ ଏବଂ ଡମ୍ବସରା କଲେଜର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ପ୍ରତିଭା ରଥ, ରାଜୀବ ଲୋଚନ ସାହୁ, ଶାନ୍ତି ଦିଦି, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


# Classified Everyday 0674-2580101, 2549949





REAL ESTATE
SALE

2 Gunth land sale prime area Banamali Prasad, Dhenkanal Town. Contact: 9658877226, 9861254667. D-73786

Nakhara Trinath Bazar ପାଖ sqft.-950 to 2000/- ଘରବାରି, Electricity ଥାଇ ତୁରନ୍ତ ଘରକରି ପାରିବେ, 9178704897. D-75271

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 9658562429. D-75270

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛଟାବର-500/-, ନଖରା SC/Gen plot- 300/-. 7978663279. D-75268

ସୁନ୍ଦରପଦା, କୁହା Petrol Pumpରୁ 800 mtr. ଦୂରତାରେ 30ft. road, ଘରବାରି ପ୍ଲଟ୍ ମିଳୁଅଛି। 7978676652. D-75266

ପିପିଲିରୁ ଜଟଣୀରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍‌ବିକ୍ରିହେବ – 9437205314, 9937513595. D-75265

Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357. D-75264

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଜରୀଦେବୀ କଲେଜ, 100ft. ପିଚୁ ରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

AFFIDAVIT

By virtue of an affidavit before the Executive Magistrate, Bhubaneswar on 15.11.2023, I Priyanka Priyadrashni Chaudhury D/o Prahalad Kumar Chaudhury, resident of Village- Tikayatpur, PO- Bhimda, P.S.- Barsahi, Dist.- Mayurbhanj, declare that I have changed my name from Priyanka Priyadrashni Chaudhury to Priyanka Chaudhury. Henceforth I will be known as Priyanka Chaudhury for all purposes. D-75060

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

17th Death Anniversary



LATE PRAVIN PATTANAIK
(BUBUL)
DOB: 25.11.1986
DOD: 20.11.2006
*Fondly Remembered by Pravin Memorial Trust Malipada*
D-1829

ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି
ସ୍ୱାମୀ– ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁପରିଜନ ।
ଧ-୧୮୩୨

